# ରାଷ୍ଟ୍ରୀୟ ଫ୍ୟାସନ ପ୍ରୌଦ୍ୟୋଗିକୀ ସଂସ୍ଥାନ

## (ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର)

## ହୌଜ ଖାସ, ନୂଆଦିଲ୍ଲୀ

**ଭାରତୀୟ ଜାତୀୟ ଆକାର ନିର୍ଦ୍ଧାରଣ ସର୍ବେକ୍ଷଣ (ଇଣ୍ଡିଆ-ସାଇଜ୍) ରେ ଅଂଶଗ୍ରହଣ ନିମନ୍ତେ ସହମତି ଫର୍ମ**

**ଏକକ ଯାଞ୍ଚ ଆଇଡ଼ି (ୟୁନିକ ସ୍କ୍ୟାନ ଆଇଡ଼ି)** ______________________.

**ସର୍ବେକ୍ଷଣ ସମ୍ବନ୍ଧୀୟ ସାଧାରଣ ସୂଚନା –** କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଅଥବା ସମସ୍ୟା ସମ୍ପର୍କରେ ଉତ୍ତମ ଧାରଣା ଆହରଣ କରିବା ହେଉଛି ସର୍ବେକ୍ଷଣର ଉଦ୍ଦେଶ୍ୟ। ଏହି ଅନୁଶୀଳନ, ଅଂଶଗ୍ରହଣକାରୀମାନଙ୍କୁ କୌଣସି ପ୍ରକାର ବ୍ୟକ୍ତିଗତ ଲାଭର ପ୍ରତ୍ୟାଭୂତି ଦେଉନାହିଁ। ଏଥିରେ ଭାଗନେବା ସମ୍ପୂର୍ଣ୍ଣ ରୂପେ ସ୍ୱେଚ୍ଛାକୃତ ଏବଂ ପ୍ରତିଭାଗୀମାନେ ଯେକୌଣସି ପର୍ଯ୍ୟାୟରେ , ବିନା ଜୋରିମାନାରେ ଅଂଶଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇପାରନ୍ତି। ଉକ୍ତ 'ସହମତି ଫର୍ମ' ଆପଣଙ୍କୁ ଅଂଶଗ୍ରହଣ ନିମନ୍ତେ ଅନୁରୋଧ କରାଯାଇଥିବା ସର୍ବେକ୍ଷଣ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ବିବରଣ ପ୍ରଦାନ କରିବ। ପ୍ରସ୍ତାବିତ ସର୍ବେକ୍ଷଣ ସମ୍ବନ୍ଧରେ ଯେକୌଣସି ସନ୍ଦେହଜନିତ ସ୍ପଷ୍ଟୀକରଣ ଅଥବା ତଥ୍ୟାନୁସନ୍ଧାନ ନିମନ୍ତେ କାର୍ଯ୍ୟସ୍ଥଳରେ ଉପସ୍ଥିତ କର୍ମୀ କିମ୍ବା ଫର୍ମରେ ଉଲ୍ଲିଖିତ ବ୍ୟକ୍ତିଙ୍କୁ ପ୍ରଶ୍ନ କରିବା ପ୍ରତିଭାଗୀଙ୍କର ଅଧିକାର। ଏହି 'ସହମତି ଫର୍ମର' ଏକ ନକଲ, ଭବିଷ୍ୟତରେ ତଥ୍ୟାନୁସନ୍ଧାନ ଅଥବା ନଥିପତ୍ର ପ୍ରସ୍ତୁତିକରଣ ନିମନ୍ତେ ପ୍ରଦାନ କରାଯିବ।

**'ଇଣ୍ଡିଆ ସାଇଜ୍' ସର୍ବେକ୍ଷଣର ପୃଷ୍ଠଭୂମି –** ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କର ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଫ୍ୟାସନ ପ୍ରୌଦ୍ୟୋଗିକୀ ସଂସ୍ଥାନ (ନିଫ୍ଟ) , ନୂଆଦିଲ୍ଲୀ, ପ୍ରାପ୍ତ ନିଷ୍କୃଷ୍ଟ ପରିଧାନ ଉପଯୋଗୀ ବସ୍ତ୍ରଶିଳ୍ପର ବୋଧଗମ୍ୟତା ଉଦ୍ଦେଶ୍ୟରେ ଏକ ସ୍ପଷ୍ଟ ଆକାର ବର୍ଣ୍ଣନାଚିତ୍ର-ତାଲିକା (କମ୍ପ୍ରେହେନ୍ସିଭ୍ ସାଇଜ୍ ଚାର୍ଟ୍) ପ୍ରସ୍ତୁତ କରିବା ଲକ୍ଷ୍ୟରେ ଭାରତବାସୀଙ୍କର ଶରୀର ମାପନ ଦ୍ୱାରା ଏକ ବ୍ୟାପକ ସର୍ବେକ୍ଷଣ ଅଧ୍ୟୟନର ଦାୟିତ୍ୱ ଅଧିଗ୍ରହଣ କରିଛନ୍ତି। ଏହା ଏକ ବିଜ୍ଞାନସମ୍ମତ ପ୍ରକ୍ରିୟା ଅଟେ ଯହିଁରେ ୧୫ ରୁ ୬୫ ଏବଂ ତଦୁର୍ଦ୍ଧ୍ୱ ବୟସ୍କ ଜନସଂଖ୍ୟାର ଏକ ନମୁନାଠାରୁ ମାନବମିତୀୟ ତଥ୍ୟ ସଂଗ୍ରହ କରାଯିବ। ଏହି ପ୍ରକ୍ରିୟାରେ ମାନବ-ସୁରକ୍ଷିତ ତ୍ରିଆୟାମିକ (ଥ୍ରୀ-ଡ଼ି) ସମ୍ପୂର୍ଣ୍ଣ ଶରୀର ଯାଞ୍ଚକାରୀ ପ୍ରଯୁକ୍ତିବିଦ୍ୟା ପ୍ରାୟୋଜିତ 'ସ୍କ୍ୟାନ ସୁଟ' ମାଧମରେ ମାନବମିତୀୟ ତଥ୍ୟାବଳୀ ସଂଗ୍ରହ କରାଯିବ। ଏତଦବ୍ୟତୀତ, ସଂଗୃହୀତ ତଥ୍ୟାବଳୀର ତର୍ଜମା ନିମିତ୍ତ ଜନସାଂଖ୍ୟିକୀୟ ତଥ୍ୟ ମଧ ସଂଗ୍ରହ କରାଯିବ।

**ସର୍ବେକ୍ଷଣର ଉଦ୍ଦେଶ୍ୟ ଓ ଲାଭ-** ନିଜସ୍ୱ ମାନବମିତୀୟ ସର୍ବେକ୍ଷଣର ଦାୟିତ୍ୱ ବହନ କରି ବସ୍ତ୍ର ଆକାର ନିର୍ଦ୍ଧାରଣ ବ୍ୟବସ୍ଥାରେ ରହିଥିବା ବିଷମତା ଏବଂ ଅସଙ୍ଗତି ଜନିତ ତ୍ରୁଟି ଦୂରୀଭୂତ କରିବା ତଥା ଭବିଷ୍ୟତରେ ସଠିକ ଏବଂ ଉତ୍କୃଷ୍ଟତର ମାପଯୁକ୍ତ ପରିଧାନ ସାମଗ୍ରୀ ପ୍ରସ୍ତୁତ କରିବା ଏହି ଅନୁଶୀଳନର ଉଦ୍ଦେଶ୍ୟ। ପ୍ରସ୍ତାବିତ ସର୍ବେକ୍ଷଣଟି ଭାରତୀୟ ବୟନଶିଳ୍ପ ବିଭାଗରେ ପ୍ରାପ୍ତନିଷ୍କୃଷ୍ଟ (ରେଡ଼ିମେଡ଼) ବସ୍ତ୍ର ଆକାର ଚାର୍ଟର ମାନକୀକରଣ କରିବାର ଲକ୍ଷ୍ୟ ପ୍ରତିପୋଷଣ କରୁଅଛି। ଏତଦବ୍ୟତୀତ, ଉକ୍ତ ସର୍ବେକ୍ଷଣର ଫଳାଫଳ ଅନ୍ୟାନ୍ୟ ବିଭାଗ ଯଥା:- ସ୍ୱୟଂଚାଳିତ, ମହାକାଶ, ସ୍ୱାସ୍ଥ୍ୟ ଏବଂ କ୍ରୀଡ଼ା, କଳା ତଥା କମ୍ପ୍ୟୁଟର ଖେଳ ଇତ୍ୟାଦିକୁ ସମ୍ପ୍ରସାରିତ ହେବ, ଯଦ୍ଦ୍ୱାରା ଏହି ସର୍ବେକ୍ଷଣର ସୂକ୍ଷ୍ମଦୃଷ୍ଟି, ଭାରତବାସୀଙ୍କ ନିମନ୍ତେ ପ୍ରଯୁଜ୍ୟ ଓ ଶ୍ରମଦକ୍ଷତା ଦୃଷ୍ଟିକୋଣରୁ ଉତ୍କୃଷ୍ଟ ଉତ୍ପାଦମାନ ଉତ୍ପାଦନ କରିପାରିବ।

**ସମୟ ଏବଂ ଗତିବିଧି –** ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଭାଗୀଙ୍କୁ ନିମ୍ନଲିଖିତ କାର୍ଯ୍ୟକଳାପ କରିବାକୁ କୁହାଯିବ।

୧) କର୍ମକର୍ତ୍ତାଙ୍କଠାରୁ ଏକ ପ୍ରାରମ୍ଭିକ ପ୍ରବର୍ତ୍ତନ ଗ୍ରହଣ କରନ୍ତୁ, ଏବଂ ଏକ 'ସ୍କ୍ୟାନ ଆଇଡ଼ି' ହାସଲ କରନ୍ତୁ। (୫ ମିନିଟ)

୨) ସର୍ବେକ୍ଷଣରେ ଭାଗନେବାକୁ ରାଜି ହେବା ପୂର୍ବରୁ ସହମତି ଫର୍ମଟିକୁ ସମ୍ପୂର୍ଣ୍ଣରୂପେ ପଢ଼ନ୍ତୁ। (୫ମିନିଟ)

୩) ବାଧ୍ୟତାମୂଳକ ଏବଂ ଇଚ୍ଛାଧୀନ ପ୍ରଶ୍ନାବଳୀ ରହିଥିବା ସମ୍ପୂର୍ଣ୍ଣ ସାମାଜିକ-ଜନସାଂଖ୍ୟିକୀୟ ପ୍ରଶ୍ନମାଳାଟି ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତୁ ଏବଂ ଯଦିଓ ସର୍ବାଧିକ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ ଅନୁରୋଧ କରାଯାଇଅଛି, ଇଚ୍ଛାଧୀନ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା

Copyright © 2019 National Institute of Fashion Technology. All rights reserved.
This information cannot be circulated or used without prior approval of NIFT

ପ୍ରତିଭାଗୀଙ୍କର ପସନ୍ଦଜନିତ। (ସର୍ବାଧିକ ୧୦ ମିନିଟ)

୪) ହାତରେ କେତେକଙ୍କର ମାପ ମାପଫିତା ଦ୍ୱାରା (ଘେରା ମାପନ ପାଇଁ), ଏବଂ ଷ୍ଟେଡିଓମିଟର ଦ୍ୱାରା (ଉଚ୍ଚତା ମାପନ ପାଇଁ) କର୍ମକର୍ତ୍ତାଙ୍କ ଦ୍ୱାରା ସମୁଦାୟ ପ୍ରାୟତଃ ୬ ପ୍ରକାରରର ଶରୀରମାପ ନିଆଯାଇପାରେ। (୫ ମିନିଟ)

୫) ଶରୀର ସ୍କାନରକୁ ସଂଯୁକ୍ତ ହୋଇଥିବା ପ୍ରସାଧନ-କକ୍ଷରେ ସ୍କାନିଂ ସୁଟ ବଦଳାଇ ପିନ୍ଧି ନିଅନ୍ତୁ ଏବଂ ସ୍କାନିଂ ପୋଷାକରେ ଦୁଇଗୋଟି ଅଙ୍ଗବିନ୍ୟାସରେ (ଯଥା:- ବସିଥିବା ବେଳେ ଏବଂ ଛିଡ଼ା ହୋଇଥିବା ବେଳେ) ଶରୀର ସ୍କାନ କରାଇ ନିଅନ୍ତୁ। (୧୫ ମିନିଟ)

୬) ପୁନଶ୍ଚ ପୂର୍ବବ ମୂଳ ପୋଷାକ ବଦଳାଇ ନିଅନ୍ତୁ ଏବଂ ଧନ୍ୟବାଦ ଗ୍ରହଣ କରି ପ୍ରସ୍ଥାନ କରନ୍ତୁ। (୫ ମିନିଟ)

ସ୍କାନିଂ ପୋଷାକ କହିବାକୁ ଗଲେ ସ୍କାନିଂସୁଟ (ଅର୍ଥାତ ଉଭୟ ଉର୍ଦ୍ଧ୍ୱଭାଗ ଏବଂ ଅଧୋଭାଗର ପୋଷାକ ଏହାର ଅନ୍ତର୍ଗତ)। ସଠିକ ଅନ୍ତଃବସ୍ତ୍ର ପରିଧାନ କରିନଥିବା ବ୍ୟକ୍ତିବିଶେଷଙ୍କୁ ଶରୀର ମାପନ ସଠିକତା ପାଇଁ ଉପଯୁକ୍ତ ଅନ୍ତଃବସ୍ତ୍ର ପ୍ରଦାନ କରାଯିବ। ଏହି ଅନ୍ତଃବସ୍ତ୍ର ଗୁଡ଼ିକ ସୁନିଶ୍ଚିତ ଭାବେ ନୂତନ ଏବଂ ସନ୍ତତିଉପଯୋଗୀ ଉପହାର ଭାବେ ପ୍ରଦାନ କରାଯିବ। ସ୍କାନର ରେ ଗଭୀରତା ମାପକ କୃତ୍ରିମଇନ୍ଦ୍ରିୟ (ଡେପ୍ଥ ସେନ୍ସର) ପ୍ରଯୁକ୍ତିବିଦ୍ୟା ବ୍ୟବହୃତ, ଯଦ୍ଦ୍ୱାରା ପ୍ରତିଭାଗୀଙ୍କ ନିମିତ୍ତ କୌଣସି ସ୍ୱାସ୍ଥ୍ୟଗତ ସଙ୍କଟ ନାହିଁ। ଉପରୋକ୍ତ କାର୍ଯ୍ୟକ୍ରମ ନିମନ୍ତେ ସମୁଦାୟ ଧାର୍ଯ୍ୟ ସମୟ ୪୫ ମିନିଟ।

**ବିପଦ-** ସ୍କାନିଂ ଦ୍ୱାରା ଉପୁଜିବାକୁ ଥିବା ଆନୁମାନିକ ବିପଦ ସର୍ବନିମ୍ନ। ଆକାର ତରଙ୍ଗ ତ୍ରିଆୟାମିକ ଶରୀର ସ୍କାନର (ସାଇଜ ଷ୍ଟ୍ରିମ ବଡ଼ି ସ୍କାନର) କୁ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରାଯାଇଛି ଏବଂ କ୍ଷତିହୀନ ବୋଲି ନିର୍ଣ୍ଣୟ କରାଯାଇଛି। କାର୍ଯ୍ୟସ୍ଥଳ ପୂର୍ବର୍କ ନିକଟରେ ସୁରକ୍ଷା ପ୍ରମାଣପତ୍ର ନିହିତ ଅଛି ଏବଂ ପ୍ରତିଭାଗୀ ସହମତି ଫର୍ମରେ ଦସ୍ତଖତ ଦେବା ପୂର୍ବରୁ ତାହା ନିଶ୍ଚିତ କରାଇ ପାରିବେ।

**ଗୋପନୀୟତା-** ସର୍ବେକ୍ଷଣରେ ସଂଗ୍ରହ କରାଯାଇଥିବା ବ୍ୟକ୍ତିଗତ ସୂଚନାକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯିବ ଏବଂ କୌଣସିମତେ ପ୍ରକାଶ କରାଯିବନାହିଁ। ସ୍କାନ ଯୋଗେ ସଂଗୃହୀତ ତଥ୍ୟ କେବଳ ସରକାର ଅନୁମତି ପ୍ରାପ୍ତ କ୍ଲାଉଡ଼ ସେବା ଯୋଗେ ସଂରକ୍ଷିତ ହେବ। ତଥ୍ୟକୁ ସୁରକ୍ଷିତ ଭାବେ ଅବିରୋଧିତ ଫାଇଲ ମାଧ୍ୟରେ ସଂରକ୍ଷଣ କରାଯିବ। ଗୋପନୀୟତା ବଜାୟ ରଖିବା ନିମନ୍ତେ କୌଣସିମତେ ଲିଖିତ ଅବା ମୌଖିକ ସୂଚନାରେ ପ୍ରତିଭାଗୀଙ୍କର ନାମ କିମ୍ବା ପରିଚୟ ପ୍ରକାଶ କରାଯିବ ନାହିଁ। ଏହି ପ୍ରକଳ୍ପର ଅଂଶ ଭାବେ ସଂଗୃହିତ କୌଣସି ତଥ୍ୟ କୌଣସି ବ୍ୟାବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ ଏବଂ କେବଳ ମାତ୍ର ଏହି ପ୍ରକଳ୍ପର ଉଦ୍ଦେଶ୍ୟ ସାଧନ ପ୍ରକ୍ରିୟାରେ ବ୍ୟବହାର କରାଯିବ।

**ଧନ୍ୟବାଦଜ୍ଞାପନ-** ସ୍କାନ ପୋଷାକକୁ ଏକ ସନ୍ତତିଯୋଗ୍ୟ ଉପହାର ଭାବେ ପ୍ରଦାନ କରାଯିବ। ଏତଦବ୍ୟତୀତ ପ୍ରତିଭାଗୀଙ୍କୁ ଅଂଶଗ୍ରହଣ କରିଥିବା ହେତୁ ₹୫୦୦/- ଟଙ୍କାର ଏକ ଭାଉଚର ପ୍ରଦାନ କରାଯିବ ପଦିଓ ଏହା ସମ୍ପୂର୍ଣ୍ଣ ପ୍ରକ୍ରିୟାର ଅନ୍ତିମ ପର୍ଯ୍ୟାୟରେ ରେ ପ୍ରଦାନ କରାଯିବ। ଯଦି ପ୍ରତିଭାଗୀ ସମ୍ପୂର୍ଣ୍ଣ ପ୍ରକ୍ରିୟା ପୂର୍ବରୁ ନିଜକୁ ଅପସାରଣ କରିବାକୁ ଚାହିଁବେ, ସେ କୌଣସି ଜିନିଷର ହକଦାର ହୋଇପାରିବେ ନାହିଁ।

**ନିଫ୍ଟ ଛାତ୍ରଛାତ୍ରୀ ଏବଂ କର୍ମଚାରୀ-** ଏହି ସର୍ବେକ୍ଷଣରେ ଅଂଶଗ୍ରହଣ କରିବା କୌଣସି ପ୍ରକାରର ଶୈକ୍ଷିକ ଅଥବା କର୍ମନିଯୁକ୍ତିଗତ ଆବଶ୍ୟକତା ନୁହେଁ ଏବଂ ଅଂଶଗ୍ରହଣ କରିବାକୁ ସହମତ ହେବା କିମ୍ବା ନହେବା କୌଣସି ପ୍ରକାର ପାଠ୍ୟ ପଦକ୍ରମ (ଗ୍ରେଡ) ଅଥବା କର୍ମନିଯୁକ୍ତିମୂଲ୍ୟାଙ୍କନକୁ ପ୍ରଭାବିତ କରିପାରିବ ନାହିଁ।

**ସର୍ବେକ୍ଷଣ ସମ୍ବନ୍ଧୀୟ ସମୀକ୍ଷା** - କୌଣସି ସମୀକ୍ଷା ନିମନ୍ତେ ପ୍ରଦତ୍ତ ୱେବସାଇଟଟି ବ୍ୟବହାର କରନ୍ତୁ– india.size@nift.ac.in

**ପ୍ରକଳ୍ପଟିର ପି.ଆଇ. –** ଡ଼ା. ନୂପୁର ଆନନ୍ଦ, ପ୍ରାଧାପିକା, ନିଫ୍ଟ

**ପ୍ରକଳ୍ପଟିର ସହ-ପି.ଆଇ –** ଡ଼ା. ମୋନିକା ଗୁପ୍ତା, ପ୍ରାଧାପିକା, ନିଫ୍ଟ

Copyright © 2019 National Institute of Fashion Technology. All rights reserved.
This information cannot be circulated or used without prior approval of NIFT

■୧୫-୧୮ ବର୍ଷରୁ କମ ପ୍ରତିଭାଗୀ

______________________.

ପ୍ରତିଭାଗୀଙ୍କ ନାମ

______________________.

ପିତା/ମାତା / ଅଭିଭାବକ / ଆଇନ ସଙ୍ଗତ ପ୍ରତିନିଧି

______________________.

ପ୍ରତିଭାଗୀ / ପିତା/ମାତା / ଅଭିଭାବକ / ଆଇନ ସଙ୍ଗତ ପ୍ରତିନିଧିଙ୍କ ଦୂରଭାଷ ନମ୍ବର

______________________.

______________________.

ପ୍ରତିଭାଗୀଙ୍କ ନିଜସ୍ୱ / ପିତା/ମାତା / ଅଭିଭାବକ / ଆଇନ ସଙ୍ଗତ ପ୍ରତିନିଧିଙ୍କ ଇ-ମେଲ

______________________.

______________________.

ପ୍ରତିଭାଗୀଙ୍କ ନିଜସ୍ୱ / ପିତା/ମାତା / ଅଭିଭାବକ / ଆଇନ ସଙ୍ଗତ ପ୍ରତିନିଧିଙ୍କ ଠିକଣା

______________________.

______________________.

ଏକ ମୌଖିକ ସହମତି ଫର୍ମ ପ୍ରତିଭାଗୀଙ୍କ ଉଦ୍ଦେଶ୍ୟରେ ପଢ଼ାଯାଇଛି ଏବଂ ନାବାଳକ/ ନାବାଳିକା ଜଣକ ସହମତି ପ୍ରକାଶ କରିଛନ୍ତି।

ନାବାଳକ/ ନାବାଳିକା ପ୍ରତିଭାଗୀଙ୍କ ଦସ୍ତଖତ

______________________.

______________________.

ପିତା/ମାତା / ଅଭିଭାବକ / ଆଇନ ସଙ୍ଗତ ପ୍ରତିନିଧିଙ୍କ ଦସ୍ତଖତ

______________________.

______________________.

ତାରିଖ:- ______________________.

■ ୧୮- ୬୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ପ୍ରତିଭାଗୀ

______________________.

ପ୍ରତିଭାଗୀଙ୍କ ନାମ

______________________.

______________________.

ପ୍ରତିଭାଗୀଙ୍କ ଦୂରଭାଷ ନମ୍ବର

______________________.

______________________.

ପ୍ରତିଭାଗୀଙ୍କ ଇ-ମେଲ

______________________.

______________________.

ପ୍ରତିଭାଗୀଙ୍କ ଠିକଣା

______________________.

______________________.

ସାକ୍ଷୀଙ୍କ ନାମ (ଅତିବ୍ୟାଧ ପ୍ରତିଭାଗୀଙ୍କ କ୍ଷେତ୍ରରେ)

ସାକ୍ଷୀଙ୍କ ଦୂରଭାଷ ନମ୍ବର

______________________.

______________________.

ସାକ୍ଷୀଙ୍କ ଇ-ମେଲ

______________________.

______________________.

ସାକ୍ଷୀଙ୍କ ଠିକଣା

ପ୍ରତିଭାଗୀଙ୍କ ଦସ୍ତଖତ

ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିବାକୁ ସହମତି ପ୍ରଦାନ କରିଥିବା ପ୍ରତିଭାଗୀଙ୍କୁ ପ୍ରକ୍ରିୟାଟି ସମ୍ପୂର୍ଣ୍ଣରୂପେ ଏବଂ ସଠିକ ଢ଼ଙ୍ଗରେ ବୁଝାଇଦିଆଯାଇଅଛି।

______________________.

ସାକ୍ଷୀଙ୍କ ଦସ୍ତଖତ (ଅତିବ୍ୟାଧ ପ୍ରତିଭାଗୀଙ୍କ କ୍ଷେତ୍ରରେ) ______________________.

ତାରିଖ:- ______________________.

ଦୟାକରି ପ୍ରତିଭାଗୀଙ୍କର ବୟସସୀମା ଯାଞ୍ଚ କରି ନିଅନ୍ତୁ

Copyright © 2019 National Institute of Fashion Technology. All rights reserved.
This information cannot be circulated or used without prior approval of NIFT

**ଅଂଶଗ୍ରହଣ ନିମନ୍ତେ ସହମତି**

■ "ଉପରୋକ୍ତ ସୂଚନାବଳୀକୁ ମୁଁ ପଢ଼ିଛି/ ମୋତେ ମୌଖିକ ଭାବେ କହିଦିଆଯାଇଅଛି ଏବଂ ମୁଁ ତାହାକୁ ହୃଦୟଙ୍ଗମ କରିପାରିଛି। ମୋତେ ଏହି ଫର୍ମର ଏକ ନକଲ ପ୍ରତିଲିପି ମଧ୍ୟ ମିଳିଅଛି। ଅଂଶଗ୍ରହଣ କରିବା ମୋର ଇଚ୍ଛାଧୀନ ଏବଂ ବିନା ଜୋରିମାନାରେ କୌଣସି ପର୍ଯ୍ୟାୟରେ ନିଜକୁ ଅପସାରଣ କରିବା ନିମନ୍ତେ ସ୍ୱାଧୀନତା ପାଇଥିଲେ ହେଁ ଅନ୍ୟପକ୍ଷରେ ପାଇବାକୁ ଯାଉଥିବା ଲାଭରୁ ବଞ୍ଚିତ ହେବାକୁ ପଡ଼ିବ ବୋଲି ମୁଁ ହୃଦବୋଧ କରିଅଛି, ଏବଂ ସ୍ୱେଚ୍ଛାକୃତ ଭାବେ ବିନା ବାଧବାଧକତାରେ ଉକ୍ତ ସର୍ବେକ୍ଷଣରେ ଅଂଶଗ୍ରହଣ କରିବାକୁ ମୋର ସହମତି ଦେଉଅଛି।"

■ "ମୁଁ ଇଣ୍ଡିଆ-ସାଇଜ଼ ଦଳଙ୍କୁ କୌଣସି ସମୀକ୍ଷା ସକାଶେ ମୋତେ ଯୋଗାଯୋଗ କରିବାକୁ ମୋର ସହମତି ପ୍ରଦାନ କରୁଅଛି।"

**ପ୍ରତିଭାଗୀଙ୍କ ର ହସ୍ତାକ୍ଷର** ________________________________.

**କାର୍ଯ୍ୟସ୍ଥଳ ନିର୍ବାହୀ ଅଧିକାରୀଙ୍କ ହସ୍ତାକ୍ଷର** _______________.

**କାର୍ଯ୍ୟସ୍ଥଳ** __________________________________________.

**ସହର** ____________________________________________.

**ତାରିଖ** __________________________________________.

Copyright © 2019 National Institute of Fashion Technology. All rights reserved.
This information cannot be circulated or used without prior approval of NIFT

# ରାଷ୍ଟ୍ରୀୟ ଫ୍ୟାସନ ପ୍ରୌଦ୍ୟୋଗିକୀ ସଂସ୍ଥାନ

# (ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର)

# ହୌଜ ଖାସ, ନୂଆଦିଲ୍ଲୀ – ୧୧୦୦୧୬, ଭାରତ

**ଭାରତୀୟ ଜାତୀୟ ଆକାର ନିର୍ଦ୍ଧାରଣ ସର୍ବେକ୍ଷଣ (ଇଣ୍ଡିଆ-ସାଇଜ଼)ରେ ଅଂଶଗ୍ରହଣ ନିମନ୍ତେ ସହମତି ଫର୍ମ**

**ସ୍କ୍ୟାନ କାର୍ଯ୍ୟସ୍ଥଳରେ ଗତିବିଧି ଯାଞ୍ଚସୂଚୀ**

**ତାରିଖ**

**ସ୍ଥାନ**

| ଗତିବିଧି | ସମ୍ପୂର୍ଣ୍ଣ ହୋଇଛି | | |
|---|---|---|---|
| ବାୟୋ-ମେଟ୍ରିକ | ହଁ | ନାଁ | |
| ସାମାଜିକ-ଜନସାଂଖ୍ୟିକୀୟ ତଥ୍ୟ ସଂଗ୍ରହ | ହଁ | ନାଁ | |
| ସ୍କ୍ୟାନ ପୋଷାକ ପ୍ରଦାନ କରାଯାଇଛି | ହଁ | ନାଁ | |
| ତ୍ରିଆୟାମିକ ସ୍କ୍ୟାନ ସମ୍ପର୍ଣ୍ଣ ହୋଇଛି | ହଁ | ନାଁ | |
| ଉପହାର ଭାଉଚର | ହଁ | ନାଁ | |
| | | | |
| ପ୍ରତିଭାଗୀଙ୍କର ହସ୍ତାକ୍ଷର | | | |

Copyright © 2019 National Institute of Fashion Technology. All rights reserved.
This information cannot be circulated or used without prior approval of NIFT